# NATIONAL NEWS BULLETIN (ODIA)

**6 October - 2023**

**Mid Bulletin : 1.50 p.m.**

---

- ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିଛି ।

- ନିର୍ବାଚନ କମିଶନ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତ ସକାଶେ ଆଜି ପର୍ଯ୍ୟବେକ୍ଷକ ମାନଙ୍କ ସହ ଏକ ବୈଠକ କରୁଛି ।

- ବନ୍ୟା କ୍ଷତିଗ୍ରସ୍ତ ସିକ୍କିମ ପାଇଁ କେନ୍ଦ୍ର ସରକାର ୪୫ କୋଟି ଟଙ୍କାର ଦୁର୍ବିପାକ ସହାୟତା ମଞ୍ଜୁର କରିଛନ୍ତି ।

- ମୁମ୍ବାଇର ସହରତଳି ଅଞ୍ଚଳରେ ଥିବା ଏକ ୭ମହଲା ବିଶିଷ୍ଟ ଆବାସିକ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟି ୨ଜଣ ପିଲାଙ୍କ ସମେତ ୭ଜଣ ଲୋକ ପ୍ରାଣ ହରାଇଛନ୍ତି ।

ଏବଂ

- ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ୮୮ଟି ପଦକ ହାସଲ କରିଛି ।

---

# ଆର୍.ବି.ଆଇ

ରିଜର୍ଭ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ କହିଛନ୍ତି ରେପୋ ରେଟ୍ ଶତକଡା ୬ ଦଶମିକ ୫ ଭାଗରେ ଅପରିବର୍ତ୍ତିତ ରଖିବାକୁ ମୁଦ୍ରାନୀତି କମିଟି ନିଷ୍ପତ୍ତି ନେଇଛି । ମୁଦ୍ରାନୀତି କମିଟିର ଗତ ୪ ତାରିଖରୁ ଆଜି ପର୍ଯ୍ୟନ୍ତ ବୈଠକ

ଚାଲିଛି । ରିଜର୍ଭ ବ୍ୟାଙ୍କରୁ ଜାରି ହୋଇଥିବା ବିବୃତ୍ତି ଅନୁସାରେ ସାମ୍ପ୍ରତିକ, ଅର୍ଥନୈତିକ ଓ ଆର୍ଥିକ ସ୍ଥିତିକୁ ବିଚାରକୁ ନିଆଯାଇ ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ସେହିଭଳି ଷ୍ଟାଣ୍ଡିଙ୍ଗ ଡିପୋଜିଟ୍ ଫାସିଲିଟ୍ ହାର ଶତକଡା ୬ ଦଶମିକ ୨/୫ ଭାଗ ଓ ମାର୍ଜିନାଲ ଷ୍ଟାଣ୍ଡିଙ୍ଗ ଫାସିଲିଟି ହାର ଶତକଡା ୬ ଦଶମିକ ୭/୫ ଭାଗ ରହିଛି । ମୁଦ୍ରାନୀତି କମିଟିର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ସଦସ୍ୟ ଏହି ମତାମତ ଦେଇଛନ୍ତି ।

ଜୁଲାଇ ମାସର ମୁଦ୍ରାସ୍ଫୀତି ପାଇଁ ଟମାଟୋ ଓ ଅନ୍ୟାନ୍ୟ ପନିପରିବା ମୂଲ୍ୟ ବୃଦ୍ଧିକୁ ସେମାନେ କାରଣ ଦର୍ଶାଇଛନ୍ତି । ଅଗଷ୍ଟ ମାସରେ ମୁଦ୍ରାସ୍ଫୀତିରେ ସୁଧାର ଆସିଥିବାବେଳେ' ସେପ୍ଟେମ୍ବର ମାସରେ ମଧ୍ୟ ଏହା ଠିକ୍ ରହିଛି ।

ରିଜର୍ଭ ବ୍ୟାଙ୍କ କହିଛି ରିୟଲ **GDP** ଅଭିବୃଦ୍ଧି ହାର ୨୦୨୩-୨୪ ପାଇଁ ଶତକଡା ୬ ଦଶମିକ ୫ ଭାଗ ରଖାଯାଇଛି । ଆର୍ଥିକ ବର୍ଷର ଦ୍ୱିତୀୟ ୩ ମାସ ପାଇଁ ଏହାକୁ ଶତକଡା ୬ ଦଶମିକ ୫ ଭାଗ, ତୃତୀୟ ୩ ମାସ ପାଇଁ ଶତକଡା ୬ ଭାଗ ଓ ଚତୁର୍ଥ ୩ ମାସ ପାଇଁ ଶତକଡା ୫ ଦଶମିକ ୭ ଭାଗ ରଖାଯାଇଛି । ୨୦୨୪-୨୫ ପାଇଁ **GDP** ଅଭିବୃଦ୍ଧି ହାରକୁ ଶତକଡା ୬ ଦଶମିକ ୬ ଭାଗ ରଖାଯାଇଛି ।

## ଇସିଆଇ-ମିଟିଙ୍ଗ

ନିର୍ବାଚନ କମିଶନ ଆଜି ନୂଆଦିଲ୍ଲୀରେ ପର୍ଯ୍ୟବେକ୍ଷକ ମାନଙ୍କ ସହ ଏକ ବୈଠକ କରୁଛି । ସେହି ବୈଠକରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ତେଲେଙ୍ଗାନା ଓ ମିଜୋରାମ୍ ବିଧାନସଭା ନିର୍ବାଚନ ପାଇଁ

ରଣକୌଶଳକୁ ଚୂଡାନ୍ତ କରାଯିବ । କିଛିଦିନ ପୂର୍ବେ ନିର୍ବାଚନ କମିଶନ ସେହି ରାଜ୍ୟ ଗୁଡ଼ିକର ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିଲା । ଆଗାମୀ କିଛିଦିନ ମଧ୍ୟରେ କମିଶନ ସେହି ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ କରିବା ବିଷୟ ଘୋଷଣା କରିବ ।

## ସେଣ୍ଟର-ସିକ୍କିମ ଆସିଷ୍ଟାନ୍ସ

ବନ୍ୟା କ୍ଷତିଗ୍ରସ୍ତ ସିକ୍କିମ ପାଇଁ କେନ୍ଦ୍ର ସରକାର ୪୫ କୋଟି ଟଙ୍କାର ଦୁର୍ବିପାକ ସହାୟତା ମଞ୍ଜୁର କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହା ରାଜ୍ୟ ଦୁର୍ବିପାକ ସହାୟତା ପାଣ୍ଠିରୁ ସିକ୍କିମ ପାଇଁ କେନ୍ଦ୍ରର ଭାଗ । ଏହି ଅର୍ଥ ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା କରିବାକୁ ଖର୍ଚ୍ଚ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଟିମ୍ ଗଠନ କରିଛି । ସେହି ଟିମ୍ ହଠାତ୍ ବନ୍ୟା ଆସିବା ଯୋଗୁଁ ଘଟୁଥିବା କ୍ଷୟକ୍ଷତିର ସମୀକ୍ଷା କରିବେ । ମନ୍ତ୍ରଣାଳୟ କହିଛି ସେହି ଟିମ୍ ଘ୍ରୁବ୍ଶୀଘ୍ର ରାଜ୍ୟର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ଆକଳନ କରିବେ । ଏହାପରେ ସିକ୍କିମକୁ ଅତିରିକ୍ତ କେନ୍ଦ୍ରୀୟ ସହାୟତା ପଠାଯିବ । କେନ୍ଦ୍ର ସରକାର ସିକ୍କିମ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।

ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାର ସିକ୍କିମକୁ ଆବଶ୍ୟକ ସାମଗ୍ରୀ ଓ ସମ୍ଭାବ୍ୟ ସହାୟତା ଯୋଗାଉଛନ୍ତି । ତାହାମଧ୍ୟରେ ପର୍ଯ୍ୟାପ୍ତ ସଂଖ୍ୟକ ଜାତୀୟ ଦୁର୍ବିପାକ ସହାୟତା ବାହିନୀ ଜବାନ, ବିମାନ ବାହିନୀ ହେଲିକପ୍ଟର ଓ ସେନାବାହିନୀ ଜବାନ ରହିଛନ୍ତି । ଶକ୍ତି ମନ୍ତ୍ରଣାଳୟ, ଟେଲି ଯୋଗାଯୋଗ ଏବଂ ସଡ଼କ ଓ ରାଜପଥ ମନ୍ତ୍ରଣାଳୟ କ୍ଷତିଗ୍ରସ୍ତ ମୌଳିକ ଢ଼ାଞ୍ଚାର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରୁଛନ୍ତି ।

ଦୁଇଦିନ ପୂର୍ବେ ସିକ୍କିମରେ ବାଦଲ ଫାଟିବାରୁ ଟିଷ୍ଟା ନଦୀରେ ହଠାତ୍ ବନ୍ୟା ଆସିଥିଲା । ଏହାଯୋଗୁଁ ୧୦ନମ୍ବର ଜାତୀୟ ରାଜପଥରେ ଥିବା ଅନେକ ପୋଲ ନଷ୍ଟ ହୋଇଯାଇଥିଲା ।

ଗୌହାଟୀଠାରେ ଜାରି ଏକ ପ୍ରେସ୍ ଇସ୍ତାହାର ଅନୁସାରେ ନିଖୋଜ ହୋଇଯାଇଥିବା ସେନାବାହିନୀ ଜବାନମାନଙ୍କୁ ଖୋଜାଖୋଜି କରିବା କାର୍ଯ୍ୟ ଜାରି ରହିଛି । ସେନାବାହିନୀ ଦ୍ୱାରା ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ସହାୟତା ଉତ୍ତର ସିକ୍କିମରେ ଅଟକି ରହିଥିବା ପର୍ଯ୍ୟଟକମାନଙ୍କୁ ଦିଆଯାଉଛି । ନିଖୋଜ ହୋଇଯାଇଥିବା ସେନାବାହିନୀ ଜବାନମାନଙ୍କୁ ଖୋଜାଖୋଜି କରିବା ପାଇଁ ଟିଷ୍ଟା ବ୍ୟାରେଜ୍‌ର ତଳମୁଣ୍ଡରେ ଖୋଜାଖୋଜି କାର୍ଯ୍ୟକୁ କେନ୍ଦ୍ରୀଭୂତ କରାଯାଇଛି ।

ଇତିମଧ୍ୟରେ ତ୍ରିଶକ୍ତି ବାହିନୀର ଜବାନମାନେ ଲାଚେନ୍/ ଚଟେନ୍, ଲାଚୁଙ୍ଗ ଓ ଚୁଙ୍ଗଥାଙ୍ଗଠାରେ ଥିବା ୧୪ଶହ ୭୧ଜଣ ପର୍ଯ୍ୟଟକଙ୍କ ପାଖରେ ପହଞ୍ଚିଛନ୍ତି । ଆଜି ପାଗରେ ଉନ୍ନତି ଘଟିବା ସହ ସେମାନଙ୍କୁ ହେଲିକପ୍ଟର ଯୋଗେ ଅଣାଯିବାର ବ୍ୟବସ୍ଥା କରାଯିବ । ରାଜ୍ୟ ସରକାର, ସେନାବାହିନୀ ଓ ବିମାନବାହିନୀ ମିଳିତଭାବେ ଏହି କାର୍ଯ୍ୟ କରିବେ ।

## କେରଳ ବୋଟ୍ କ୍ୟାପସାଇଜ୍

କେରଳର କୋଚିଠାରୁ ୧୧ ନଟିକାଲ ମାଇଲ୍ ଦୂରରେ ଗତ ରାତିରେ ସମୁଦ୍ରରେ ଏକ ଡଙ୍ଗା ଓଲଟି ପଡି ୪ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି । ଉପକୂଳରକ୍ଷୀ ବାହିନୀ ଓ ରାଜ୍ୟ ମତ୍ସ୍ୟବିଭାଗ ଦ୍ୱାରା ସେମାନଙ୍କୁ ଖୋଜାଖୋଜି କରାଯାଉଛି । ଡଙ୍ଗାଟିରେ ୭ଜଣ ମତ୍ସ୍ୟଜୀବୀ

ଥିଲେ । ୩ ଜଣ ମତ୍ସ୍ୟଜୀବୀଙ୍କୁ ଅନ୍ୟ ଡଙ୍ଗା ଗୁଡ଼ିକରେ ଥିବା ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି । ଉପକୂଳରକ୍ଷୀ ବାହିନୀର ଦ୍ରୁତ ପହରା ଜାହାଜ-ଅଭିନବ ଓ ଇଣ୍ଟରସେପ୍ଟର ବୋଟ୍ ଦ୍ୱାରା ଖୋଜାଖୋଜି କରାଯାଉଛି । ଏକ ସ୍ୱତନ୍ତ୍ର ବୁଡାଳି ଦଳକୁ ମଧ୍ୟ ଖୋଜାଖୋଜି କାର୍ଯ୍ୟରେ ମୁତୟନ କରାଯାଇଛି ।

## ପଞ୍ଜାବ-ଫାୟାର

ପଞ୍ଜାବର ଅମ୍ରିତସର ସହରର ମଜିଥା ରୋଡ଼ଠାରେ ଏକ ଔଷଧ ଉତ୍ପାଦନ କାରଖାନାରେ ଅଗ୍ନିକାଣ୍ଡ ଘଟି ଜଣେ ମହିଳାଙ୍କ ସମେତ ୪ଜଣ ଲୋକ ପ୍ରାଣ ହରାଇଛନ୍ତି । ଗତ ସଂଧ୍ୟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ସେହି ସମୟରେ କାରଖାନା ମଧ୍ୟରେ ଥିବା କିଛି ଶ୍ରମିକ ତାହା ମଧ୍ୟରୁ ବାହାରି ପାରି ନଥିଲେ । ପରେ ୪ଟି ମୃତଦେହକୁ ଉଦ୍ଧାର କରାଯାଇଥିଲା । ପରେ ଅଗ୍ନିଶମ ବିଭାଗ ନିଆଁକୁ ନିୟନ୍ତ୍ରଣ କରିଥିଲା ।

## ମୁମ୍ବାଇ ଫାୟାର

ମୁମ୍ବାଇର ସହରତଳି ଅଞ୍ଚଳରେ ଥିବା ଏକ ୭ମହଲା ବିଶିଷ୍ଟ ଆବାସିକ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟି ୨ଜଣ ପିଲାଙ୍କ ସମେତ ୭ଜଣ ଲୋକ ପ୍ରାଣ ହରାଇଛନ୍ତି । ଆଜି ବଡି ଭୋର୍‌ରୁ ସେଠାରେ ଏହି ଅଗ୍ନିକାଣ୍ଡ ଘଟିଛି । ପ୍ରାୟ ୫୧ଜଣ ଲୋକଙ୍କୁ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ୪୦ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ପ୍ରଧାନମନ୍ତ୍ରୀ ଏହି ଘଟଣା ଉପରେ ଗଭୀର ଶୋକପ୍ରକାଶ କରିଛନ୍ତି । ପ୍ରତ୍ୟେକ ମୃତବ୍ୟକ୍ତିଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ସେ ଘୋଷଣା କରିଛନ୍ତି । ଆହତମାନଙ୍କୁ ୫୦ ଟଙ୍କା ଲେଖାଏଁ ଦିଆଯିବ ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏହି ଦୁର୍ଘଟଣା ଉପରେ ଶୋକପ୍ରକାଶ କରିଛନ୍ତି । ପ୍ରତ୍ୟେକ ମୃତଲୋକଙ୍କ ପରିବାରକୁ ସେ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାର ସମସ୍ତ ଆହତ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ । ଅଟ୍ଟାଳିକାର ପାର୍କିଙ୍ଗ ଅଞ୍ଚଳରେ ଥିବା ଏକ ଗାଡ଼ିରେ ନିଆଁ ଲାଗିଯାଇ ତାହା ସମଗ୍ର ଅଟ୍ଟାଳିକାକୁ ବ୍ୟାପିଥିଲା ବୋଲି କୁହାଯାଇଛି । ଅଗ୍ନିକାଣ୍ଡ ଘଟଣା ଉପରେ ତଦନ୍ତ ଜାରି ରହିଛି ।

## ପାକିସ୍ତାନ-ଆଫଗାନ ଇମିଗ୍ରାଣ୍ଟ୍ସ

ବୈଧ ଦସ୍ତାବିଜ୍ ନଥିବା ସମସ୍ତ ଆଫଗାନିସ୍ତାନ ନାଗରିକଙ୍କୁ ଆସନ୍ତା ୩୧ ତାରିଖ ସୁଦ୍ଧା ଦେଶରୁ ବହିଷ୍କାର କରିବା ପାଇଁ ପାକିସ୍ତାନ ସରକାରଙ୍କ ନୀତିକୁ ଆଫଗାନିସ୍ତାନର ତାଲିବାନ ସରକାର ସମାଲୋଚନା କରିଛି । ଏହାକୁ ଅନୈତିକ ବୋଲି ବର୍ଣ୍ଣନା କରି ତାଲିବାନ ମାନଙ୍କ ଅସ୍ଥାୟୀ ପ୍ରତିରକ୍ଷାମନ୍ତ୍ରୀ ମୁଲ୍ଲା ମହମ୍ମଦ ୟାକୁବ୍ ମୁଜାହିଦ୍' ଆଫଗାନିସ୍ତାନ ନାଗରିକମାନଙ୍କ ପ୍ରତି ଏଭଳି ନିଷ୍ଠୁର ପଦକ୍ଷେପ ଗ୍ରହଣ ନକରିବାକୁ ଅନୁରୋଧ କରିଛନ୍ତି । ଆଫଗାନିସ୍ତାନର ପୁଞ୍ଜିନିବେଶକାରୀମାନେ ପାକିସ୍ତାନରୁ ପୁଞ୍ଜି ପ୍ରତ୍ୟାହାର କରି ଆଣିବାକୁ ସେ କହିଛନ୍ତି ।

ତାଙ୍କର ଏହି ମନ୍ତବ୍ୟର ଜବାବରେ ବାଲୁଚିସ୍ତାନ ଅସ୍ଥାୟୀ ସୂଚନା ମନ୍ତ୍ରୀ ଜାନ୍ ଆଚାକଜାଇ କହିଛନ୍ତି କୌଣସି ବ୍ୟକ୍ତିଙ୍କୁ ଦେଶରୁ ବହିଷ୍କାର କରିବା ହେଉଛି ପାକିସ୍ତାନ ସରକାରଙ୍କର ସାର୍ବଭୌମ ଅଧିକାର । ସେ କହିଛନ୍ତି ପାକିସ୍ତାନ କୌଣସି ବାହ୍ୟ ଚାପର ବଶବର୍ତ୍ତୀ ହେବନାହିଁ । ମାନବୀୟ ଓ ସମ୍ମାନଜନକ ଉପାୟରେ ଏହି କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ପୂର୍ବରୁ ପାକିସ୍ତାନ ସରକାର ସନ୍ତ୍ରାସବାଦୀ ଆକ୍ରମଣ ଓ ନିଶାଦ୍ରବ୍ୟ ଚୋରା କାରବାର ପାଇଁ ଆଫଗାନିସ୍ତାନର ନାଗରିକମାନଙ୍କୁ ଦୋଷାରୋପ କରି ଆସୁଛନ୍ତି ।

# ଏସିଆନ୍ ଗେମ୍ସ

ହାଙ୍ଗ୍ଝୋ ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ୮୮ଟି ପଦକ ହାସଲ କରିଛି । ତାହା ମଧ୍ୟରେ ୨୧ଟି ସ୍ୱର୍ଣ୍ଣ, ୩୨ଟି ରୌପ୍ୟ ଓ ୩୫ଟି ବ୍ରୋଞ୍ଜ ପଦକ ରହିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ଅଛି । ଆଜି ତୀରଚାଳନା ମହିଳା ରିକର୍ଭ ଟିମ୍ ଭିଏତ୍ନାମକୁ ୬-୨ରେ ହରାଇ ବ୍ରୋଞ୍ଜପଦକ ହାସଲ କରିଛି । ବ୍ୟାଡମିଣ୍ଟନରେ ଏଚ୍.ଏସ୍. ପ୍ରଣୟ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ପୁରୁଷ କ୍ରିକେଟ୍‌ରେ ଭାରତ ବାଙ୍ଗଲାଦେଶକୁ ୯ ଓ୍ୱିକେଟ୍ ହରାଇ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଛି । କୁସ୍ତିରେ ବଜରଙ୍ଗ ପୁନିଆ ସେମିଫାଇନାଲରେ ଭାରତୀୟ ପ୍ରତିଯୋଗୀଙ୍କ ଠାରୁ ହାରି ଯାଇଛନ୍ତି । ଅମନ, ସୋନମ ଓ କିରଣ ମଧ୍ୟ ନିଜନିଜ ବର୍ଗରେ ସେମିଫାଇନାଲ ମ୍ୟାଚ୍‌ରେ ହାରି ଯାଇଛନ୍ତି । ଆଜି ସେମାନେ ବ୍ରୋଞ୍ଜ ପଦକ ପାଇଁ ଖେଳିବେ ।

ବ୍ୟାଡମିଣ୍ଟନରେ ଚିରାଗ ଶେଟ୍ଟି ଓ ସାତ୍ୱିକ ସାଇରାଜ ପୁରୁଷ ଡବଲ୍ସ ସେମିଫାଇନାଲରେ ଖେଳିବେ । ହକିରେ ଭାରତୀୟ ପୁରୁଷ ଟିମ୍ ସ୍ୱର୍ଣ୍ଣପଦକ ପାଇଁ ଜାପାନ ବିପକ୍ଷରେ ମ୍ୟାଚ୍ ଖେଳିବ । ଗତକାଲି ଭାରତୀୟ ପୁରୁଷ ତୀରଚାଳନା କମ୍ପାଉଣ୍ଡ ଟିମ୍ ଦକ୍ଷିଣ କୋରିଆକୁ ୨୩୫-୨୩୦ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା । ପୂର୍ବରୁ ଜ୍ୟୋତି, ପରିଣୀତ ଓ ଆଦିତି ମହିଳା ଟିମ୍ କମ୍ପାଉଣ୍ଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ ।

................................................................................